"ମିଠେ ବଚ୍ଚେ: - ତୁମକୁ କୌଣସି ବି ଦେହଧାରୀର ନାମ ରୂପରେ ଆକର୍ଷିତ ହୋଇ ବାନ୍ଧି ହେବାର ନାହିଁ, ତୁମେ ଅଶରୀର ହୋଇ ବାବାଙ୍କୁ ମନେ ପକାଅ ତେବେ ତୁମର ଆୟୁଷ ବଢିବ ଏବଂ ତୁମେ ନିରୋଗ ହୋଇଯିବ ।"

ପ୍ରଶ୍ନ:- ଜ୍ଞାନୀ ପିଲାମାନଙ୍କର ମୁଖ୍ୟ ଲକ୍ଷଣଗୁଡିକ କ'ଣ ହୋଇଥିବ?

ଉତ୍ତର:- ଯେଉଁମାନେ ଜ୍ଞାନୀ ଆତ୍ମା ସେମାନେ ପ୍ରଥମେ ନିଜେ ଜ୍ଞାନକୁ ଧାରଣା କରିବେ ତା'ପରେ ଅନ୍ୟମାନଙ୍କୁ କରାଇବେ । ବାବାଙ୍କଠାରୁ ବୁଦ୍ଧିରୂପୀ ବାଦଲ ଭରି ଜ୍ଞାନର ବର୍ଷା କରିବେ । ପାଠପଢା ସମୟରେ ସେମାନେ ହାଇମାରିବେ ନାହିଁ । ବ୍ରାହ୍ମଣୀମାନଙ୍କର ଦାୟିତ୍   ହେଲା - ମଧୁବନକୁ ସେହିମାନଙ୍କୁ ହିଁ ନେଇକରି ଆସିବେ ଯେଉଁମାନେ କି ଏଠାରେ ଭରପୁର ହୋଇ ନିଜ ନିଜ ସ୍ଥାନକୁ ଯାଇ ବର୍ଷା କରିବେ ଅର୍ଥାତ୍ ସେବା କରିବେ । (୨) ଏଠାକୁ ସେହିମାନେ ଆସିବା ଦରକାର ଯେଉଁମାନେ କି ଭଲ ଭାବରେ ଯୋଗଯୁକ୍ତ ସ୍ଥିତିରେ ରହି ବାୟୁମଣ୍ଡଳକୁ ଶକ୍ତିଶାଳୀ କରିବାରେ ସହଯୋଗ କରିବେ । କୌଣସି ପ୍ରକାରର ବିଘ୍ନ ପକାଇବେ ନାହିଁ । ଏଠାରେ ଚତୁର୍ଦ୍ଦିଗରେ ବହୁତ ଶାନ୍ତି ରହିବା ଦରକାର । କୌଣସି ପ୍ରକାରର ଶବ୍ଦ ନ ହେବା ଉଚିତ୍ ।

ଗୀତ:- ଓମ୍ ନମୋ ଶିବାୟ....

ଓମ୍ ଶାନ୍ତି । ଓମ୍ ଶାନ୍ତିର ଅର୍ଥ ତ ବୁଝାଇଛି ନା - ବାବା କହୁଛନ୍ତି ଆତ୍ମା ଏବଂ ପରମାତ୍ମା ଉଭୟ ଶାନ୍ତ ସ୍   ରୂପ । ଯେପରି ବାପ ସେହିପରି ପିଲାମାନେ । ତେଣୁ ବାବା ପିଲାମାନଙ୍କୁ ବୁଝାଉଛନ୍ତି ଯେ ତୁମେ ତ ଶାନ୍ତ ସ୍   ରୂପ ହିଁ ଅଟ । ବାହ୍ୟ ଜଗତରୁ କୌଣସି ଶାନ୍ତି ମିଳିନଥାଏ । ଏହା ରାବଣ ରାଜ୍ୟ ଅଟେ ନା । ବର୍ତ୍ତମାନ ଏହି ସମୟରେ କେବଳ ତୁମେ ନିଜର ବାବାଙ୍କୁ ମନେପକାଅ, ମୁଁ ଏହାଙ୍କ ଶରୀରରେ ବିରାଜମାନ କରିଛି । ତୁମକୁ ଯେଉଁ ମତ ଦେଇଛି ସେହି ଅନୁସାରେ ଚାଲ । ବାବା କୌଣସି ବି ନାମ ରୂପରେ ଫସାଉ ନାହାଁନ୍ତି । ଏହି ନାମ ରୂପ ହେଉଛି ବାହ୍ୟରୂପ । ଏହି ରୂପରେ ତୁମର ଫସିବାର ନାହିଁ । ସାରା ଦୁନିଆ ନାମ ରୂପରେ ଫସାଉଛି । ବାବା କହୁଛନ୍ତି ଏମାନଙ୍କର ନାମ ରୂପ ଅଛି, ଏହାଙ୍କୁ ମନେ ପକାଅ ନାହିଁ । ନିଜର ପିତାଙ୍କୁ ମନେ ପକାଅ ତେବେ ଏହା ଦ୍   ାରା ତୁମର ଆୟୁଷ ବି ବଢିବ, ତୁମେ ନିରୋଗୀ ମଧ୍ୟ ହେବ । ଲକ୍ଷ୍ମୀ-ନାରାୟଣ ମଧ୍ୟ ତୁମ ପରି ଥିଲେ, କେବଳ ସଜ୍ଜିତ ହୋଇ ରହୁଥିଲେ । ଏପରି ନୁହେଁ ଯେ ଛାତ ପର୍ଯ୍ୟନ୍ତ ଲମ୍ବା ଚଉଡା ଥିଲେ । ମନୁଷ୍ୟ ତ ମନୁଷ୍ୟ ହିଁ ହୋଇଥାନ୍ତି । ତେଣୁ ବାବା କହୁଛନ୍ତି କୌଣସି ବି ଦେହଧାରୀକୁ ମନେ ପକାଇବାର ନାହିଁ । ଦେହକୁ ଭୁଲିବାର ଅଛି । ନିଜକୁ ଆତ୍ମା ବୋଲି ଭାବ - ଏହି ଶରୀର ତ ଛାଡିବାକୁ ହିଁ ପଡିବ । ଦ୍   ିତୀୟ କଥା କୌଣସି ପ୍ରକାରର ଭୁଲ୍ କର ନାହିଁ, ବିକର୍ମର ବୋଝ ତୁମ ମୁଣ୍ଡ ଉପରେ ବହୁତ ରହିଛି । ବହୁତ ବଡ ବୋଝ ରହିଛି । ଏକମାତ୍ର ବାବାଙ୍କର ସ୍ମୃତି ବିନା ଏସବୁ କମ୍ ହୋଇପାରିବ ନାହିଁ । ବାବା ବୁଝାଇଛନ୍ତି ଯେ ଯିଏ ସବୁଠାରୁ ଉଚ୍ଚ ପବିତ୍ର ହେଉଛନ୍ତି, ସିଏ ପୁଣି ସବୁଠାରୁ ଅଧିକ ପତିତ ହେଉଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି କଥା ନାହିଁ । ନିଜକୁ ଦେଖିବାକୁ ହେବ । ବାବାଙ୍କୁ ବହୁତ ମନେ ପକାଇବାକୁ ପଡିବ । ଯେତେ ଦୂର ସମ୍ଭବ ବାବାଙ୍କୁ ମନେ ପକାଅ, ଏହା ବହୁତ ସହଜ ଅଟେ । ଯିଏକି ଏତେ ସ୍ନେହୀ ବାବା ଅଟନ୍ତି ତାଙ୍କୁ ବସିବା ଉଠିବା ସମୟରେ ସ୍ମରଣ କରିବାକୁ ହେବ । ଯାହାକୁ ସମସ୍ତେ ଡାକୁଛନ୍ତି ହେ ପତିତ-ପାବନ ଆସ, କିନ୍ତୁ ତାଙ୍କ ପ୍ରତି ଗଭୀର ସ୍ନେହ ରହୁନାହିଁ । ସ୍ନେହ ନିଜର ସ୍   ାମୀ ପିଲା ଆଦିଙ୍କ ସହିତ ରହିଥାଏ । କେବଳ ମୁଖରୁ କହିଥାନ୍ତି ଯେ ପତିତ-ପାବନ ଆସ । ବାବା କହୁଛନ୍ତି ପିଲାମାନେ, ମୁଁ କଳ୍ପ-କଳ୍ପ, କଳ୍ପର ସଂଗମଯୁଗରେ ଆସୁଛି । ରୁଦ୍ର ଜ୍ଞାନ ଯଜ୍ଞର ଗାୟନ ମଧ୍ୟ ରହିଛି । କୃଷ୍ଣ ତ ହେଉଛନ୍ତି ସତ୍ୟଯୁଗର ରାଜକୁମାର । ସିଏ ପୁଣି ସେହି ନାମ ରୂପ ଦେଶ କାଳ ବ୍ୟତୀତ ଆଉ କେବେ ଆସିପାରିବେ ନାହିଁ । ନେହେରୁ ସେହି ରୂପରେ ସେହି ପୋଜିସନ୍‌ରେ ପୁଣି କଳ୍ପ ପରେ ଆସିବେ । ସେହିପରି ଶ୍ରୀକୃଷ୍ଣ ମଧ୍ୟ ସତ୍ୟଯୁଗରେ ଆସିବେ । ତାଙ୍କର ଚରିତ୍ର ବଦଳିପାରିବ ନାହିଁ । ଏହି ଯଜ୍ଞର ନାମ ହିଁ ହେଉଛି ରୁଦ୍ର ଜ୍ଞାନ ଯଜ୍ଞ । ରାଜସ୍   ଅଶ୍   ମେଧ ଯଜ୍ଞ । ରାଜତ୍   ପାଇବା ପାଇଁ ବଳି ଚଢିବା ଅର୍ଥାତ୍ ତାଙ୍କର ହେବା । ଯଦି ବାବାଙ୍କର ହୋଇଛ ତେବେ କେବଳ ତାଙ୍କୁ ହିଁ ମନେ ପକାଇବାକୁ ପଡିବ । ହଦରୁ ଅର୍ଥାତ୍ ପାରଲୌକିକରୁ ସମ୍ପର୍କ ତୁଟାଇ ବେହଦ ଅର୍ଥାତ୍ ଲୌକିକ ପିତାଙ୍କ ସହିତ ଯୋଡିବାକୁ ହେବ, ଇଏ ସବୁଠାରୁ ବଡ ବାବା ଅଟନ୍ତି । ତୁମେ ଜାଣିଛ ବାବା ଆସି କ'ଣ ଦେଉଛନ୍ତି । ବେହଦର ବାବା ତୁମକୁ ବେହଦର ବର୍ସା ଦେଉଛନ୍ତି, ଯାହା ଅନ୍ୟ କେହି ଦେଇପାରିବେ ନାହିଁ । ମନୁଷ୍ୟ ତ ପରସ୍ପରକୁ ମାରି, କାଟି ଚାଲିଛନ୍ତି, ଆଗରୁ କ'ଣ ଏସବୁ ହେଉଥିଲା ।

ତୁମେ ଜାଣିଛ ବାବା ପୁଣି ଥରେ ଆସିଛନ୍ତି । କହୁଛନ୍ତି କଳ୍ପ-କଳ୍ପର ସଂଗମ ଯୁଗେ, ଯେବେ ନୂଆ ଦୁନିଆର ସ୍ଥାପନା କରିବାକୁ ପଡୁଛି ତେବେ ଯାଇ ମୁଁ ଆସୁଛି । ମାଗୁଛନ୍ତି ମଧ୍ୟ ନୂଆ ଦୁନିଆ ନୂଆ ରାମରାଜ୍ୟ ହେଉ । ସେଠାରେ ସୁଖ ସମ୍ପତ୍ତି ସବୁ ଅଛି, ଝଗଡା କରିଲାବାଲା କେହି ନଥାନ୍ତି । ଶାସ୍ତ୍ରଗୁଡିକରେ ତ ସତ୍ୟଯୁଗ ତ୍ରେତାକୁ ମଧ୍ୟ ନରକ କରିଦେଇଛନ୍ତି । ଏହା ଭୁଲ୍ କଥା ନା । ସେମାନେ ଅସତ୍ୟ ଶୁଣାଉଛନ୍ତି, ବାବା ଆମକୁ ସତ୍ୟ କଥା ଶୁଣାଉଛନ୍ତି । ବାବା କହୁଛନ୍ତି ତୁମେ ମୋତେ ସତ୍ୟ କହୁଛ ନା । କାହିଁକି ନା ମୁଁ ଆସି ତୁମକୁ ସତ୍ୟ କଥା ଶୁଣାଉଛି ଯେ ୫ ହଜାର ବର୍ଷ ପୂର୍ବରୁ ଭାରତରେ କାହାର ରାଜ୍ୟ ଥିଲା । ପିଲାମାନେ ଜାଣିଛନ୍ତି -

ବାସ୍ତବରେ ୫ ହଜାର ବର୍ଷ ପୂର୍ବରୁ ଏହି ଲକ୍ଷ୍ମୀ-ନାରାୟଣଙ୍କର ରାଜ୍ୟ ଥିଲା । କହୁଛନ୍ତି ମଧ୍ୟ - ଖ୍ରୀଷ୍ଟ ଆସିବାର ୩ ହଜାର ବର୍ଷ ପୂର୍ବରୁ ଭାରତ ସ୍   ର୍ଗ ଥିଲା । ସିଧାସଳଖ ହିସାବ ତ ରହିଛି । କହୁଛନ୍ତି କଳ୍ପର ଆୟୁଷ ଏତେ କାହିଁକି ଦେଇଛନ୍ତି! ଆରେ ହିସାବ କର ନା । ଖ୍ରୀଷ୍ଟ ଯିବାର ଏତେ ସମୟ ହେଲାଣି । ଯୁଗ ତ ୪ଟି ରହିଛି । ଅଧାକଳ୍ପ ଦିନ, ଅଧାକଳ୍ପ ରାତ୍ରି ହେଉଛି । ତେବେ ବୁଝାଇଲାବାଲା ବହୁତ ଚତୁର ହେବା ଦରକାର । ବାବା ବୁଝାଉଛନ୍ତି ପିଲାମାନେ, କାମ ବିକାର ମହାଶତ୍ରୁ । ଭାରତବାସୀ ହିଁ ଦେବତାମାନଙ୍କର ମହିମା ଗାୟନ କରିଥାନ୍ତି - ସର୍ବଗୁଣ ସମ୍ପନ୍ନ, ୧୬ କଳା ସମ୍ପୂର୍ଣ୍ଣ, ସଂପୂର୍ଣ୍ଣ ନିର୍ବିକାରୀ... ପୁଣି ୧୬୧୦୮ ରାଣୀ କେଉଁଠାରୁ ଆସିଲେ! ତୁମେ ଜାଣିଛ ବର୍ତ୍ତମାନ କୌଣସି ବି ଧର୍ମ ଶାସ୍ତ୍ର ନାହିଁ । ଧର୍ମଶାସ୍ତ୍ର ତାକୁ କୁହାଯାଏ - ଯାହାକୁ ଧର୍ମସ୍ଥାପକ ଉଚ୍ଚାରଣ କରିଥିବେ । ଧର୍ମସ୍ଥାପକଙ୍କ ନାମରେ ଶାସ୍ତ୍ର ରଚନା ହୋଇଛି । ଏବେ ତୁମେମାନେ ନୂଆ ଦୁନିଆକୁ ଯାଉଛ । ଏସବୁ ପୁରୁଣା ତମୋପ୍ରଧାନ ଅଟେ । ସେଥିପାଇଁ ବାବା କହୁଛନ୍ତି ପୁରୁଣା ଜିନିଷରୁ ବୁଦ୍ଧି ହଟାଇ ମୋତେ ମନେ ପକାଅ - ତେବେ ତୁମର ବିକର୍ମ ବିନାଶ ହେବ । ତୁମେ ଭୁଲ୍ କରୁଛ ତେଣୁ ବାବା ବୁଝୁଛନ୍ତି, ଏହାଙ୍କର ଭାଗ୍ୟ ହିଁ ଏହିପରି । କିନ୍ତୁ ତାଙ୍କୁ ମନେ ପକାଇବା ବହୁତ ସହଜ କଥା । କ’ଣ ଏକଥା ତୁମେ ବୁଝିପାରୁ ନାହଁ? ମୋହର ଡୋରି ସବୁଆଡୁ ତୁଟାଇ ଏକମାତ୍ର ବାବାଙ୍କୁ ମନେ ପକାଅ । ୨୧ ଜନ୍ମ ପାଇଁ ପୁଣି ତୁମକୁ କୌଣସି ଦୁଃଖ ହେବ ନାହିଁ । ନା ତୁମେ କୁବ୍ଜା ଆଦି ହେବ । ସେଠାରେ ତ ବୁଝିବେ ଯେ ବାସ୍ ଏହି ଆୟୁଷ ପୂରା ହେଲା, ଗୋଟିଏ ଶରୀର ଛାଡି ଆଉ ଗୋଟିଏ ନେବାକୁ ହେବ । ଯେପରି ସର୍ପର ଉଦାହରଣ ରହିଛି । ବାବା ଜୀବଜନ୍ତୁର ଉଦାହରଣ ଦେଉଛନ୍ତି । ନିଶ୍ଚିତ ସେମାନେ ଜାଣିପାରୁଥିବେ । ବର୍ତ୍ତମାନ ସମୟର ମନୁଷ୍ୟମାନଙ୍କଠାରୁ ଅଧିକ ବୁଦ୍ଧି ଜୀବଜନ୍ତୁଙ୍କର ହୋଇଥାଏ । ଭ୍ରମରୀର ଉଦାହରଣ ମଧ୍ୟ ଏଠାକାର ଅଟେ । କୀଟକୁ କିପରି ନେଇ ଆସୁଛି । ଏବେ ତୁମର ସୁଖର ଦିନ ଆସୁଛି । ମାତା କନ୍ୟାମାନେ କହୁଛନ୍ତି ଆମେ ପବିତ୍ର ରହୁଛୁ, ସେଥିପାଇଁ ବହୁତ ମାଡ ଖାଇବାକୁ ପଡୁଛି । ହଁ ପିଲାମାନେ କିଛି ତ ସହନ କରିବାକୁ ହିଁ ହେବ । ଅବଳାମାନଙ୍କ ଉପରେ ଅତ୍ୟାଚାରର ଗାୟନ ରହିଛି । ଅତ୍ୟାଚାର କଲେ ଯାଇ ତ ପାପର ଘଡି ଭରିବ । ରୁଦ୍ର ଜ୍ଞାନ ଯଜ୍ଞରେ ବିଘ୍ନ ତ ବହୁତ ପଡିବ । ଅବଳା ମାନଙ୍କ ଉପରେ ଅତ୍ୟାଚାର ହେବ । ଏକଥା ଶାସ୍ତ୍ରରେ ମଧ୍ୟ ଗାୟନ ରହିଛି । କନ୍ୟାମାନେ କହୁଛନ୍ତି ବାବା ଆଜିଠାରୁ ୫ ହଜାର ବର୍ଷ ପୂର୍ବରୁ ଆମେମାନେ ଆପଣଙ୍କ ସହିତ ମିଶିଥିଲୁ । ଆପଣଙ୍କଠାରୁ ସ୍   ର୍ଗର ବର୍ସା ନେଇଥିଲୁ, ମହାରାଣୀ ହୋଇଥିଲୁ । ବାବା କହୁଛନ୍ତି ହଁ ବଚ୍ଚି, ଏତିକି ପୁରୁଷାର୍ଥ ତ କରିବାକୁ ହେବ । ଶିବବାବାଙ୍କୁ ମନେ ପକାଇବାକୁ ହେବ, ଏହାଙ୍କୁ (ବ୍ରହ୍ମାଙ୍କୁ) ନୁହେଁ । ଇଏ ଗୁରୁ ନୁହଁନ୍ତି । ଏହାଙ୍କର କାନ ମଧ୍ୟ ଶୁଣୁଛି । ସିଏ (ଶିବବାବା) ତୁମର ପିତା, ଶିକ୍ଷକ, ସତଗୁରୁ ଅଟନ୍ତି । ସନ୍ତାନମାନେ ଏହାଙ୍କ ଠାରୁ ଶିଖି ଅନ୍ୟମାନଙ୍କୁ ଶିଖାଉଛନ୍ତି । ସିଏ ସମସ୍ତଙ୍କର ଏକମାତ୍ର ପିତା ଅଟନ୍ତି । ଆମକୁ ମଧ୍ୟ ଶିଖାଇଲାବାଲା ସିଏ ହିଁ ଅଟନ୍ତି ସେଥିପାଇଁ ବେହଦର ବାବାଙ୍କୁ ମନେ ପକାଇବାକୁ ହେବ । ବିଷ୍ଣୁଙ୍କୁ ଅଥବା ବ୍ରହ୍ମାଙ୍କୁ କ’ଣ ପତିମାନଙ୍କର ପତି ବୋଲି କହିବା । ଶିବବାବାଙ୍କୁ ହିଁ ପତିମାନଙ୍କର ପତି କୁହାଯାଏ । ତେବେ କାହିଁକି ତାଙ୍କୁ ହିଁ ପତି ରୂପକରେ ନ ମାନିବା । ତୁମେ ସବୁ ପ୍ରଥମେ ମୂଳବତନ ନିଜର ବାପଘରକୁ ଯିବ ପୁଣି ଶ୍   ଶୁର ଘରକୁ ଆସିବ । ପ୍ରଥମେ ଶିବବାବାଙ୍କ ପାଖରେ ତ ସଲାମୀ ଭରିବାକୁ ହେବ, ପୁଣି ଆସିବ ସତ୍ୟଯୁଗରେ । ଏହା କେତେ ସହଜ ଅର୍ଥାତ୍ ପଇସାକର କଥା ।

ବାବା ସବୁ ସ୍ଥାନର ପିଲାମାନଙ୍କୁ ଦେଖୁଛନ୍ତି । କେଉଁଠି କେହି ଢୁଳାଉ ନାହାଁନ୍ତି ତ । ଢୁଳାଇବା, ହାଇମାରିବା ଦ୍   ାରା ବୁଦ୍ଧିଯୋଗ ବାହାରକୁ ଗଲା । ପୁଣି ତାହା ଦ୍   ାରା ବାୟୁମଣ୍ଡଳ ଖରାପ ହୋଇଯାଏ, କାହିଁକି ନା ବୁଦ୍ଧିଯୋଗ ବାହାରେ ଘୂରି ବୁଲିଥାଏ ନା । ସେଥିପାଇଁ ସର୍ବଦା ବାବା କହୁଛନ୍ତି ଯେ ଏଭଳି ବାଦଲ ନେଇକରି ଆସ, ଯିଏକି ସତେଜ ହୋଇ ଯାଇ ବର୍ସା କରିବେ । ବାକି ଏଠାରେ ଆସି କ’ଣ କରିବେ । ଏଠାକୁ ଆଣିଲାବାଲାଙ୍କ ଉପରେ ମଧ୍ୟ ବହୁତ ଦାୟିତ୍    ରହିଛି । କେଉଁ ବ୍ରାହ୍ମଣୀ ବୁଦ୍ଧିବାନ୍ ଅଟନ୍ତି ଯିଏକି ବାଦଲ ଭରି କରି ଯାଇ ବର୍ସା କରିବେ । ଏହିମାନଙ୍କୁ ହିଁ ଆଣିବାକୁ ହେବ । ବାକି ଅନ୍ୟମାନଙ୍କୁ ଆଣିବାରେ ଲାଭ କ’ଣ । ନିଜେ ଶୁଣି ଧାରଣ କରି ପୁଣି ଅନ୍ୟକୁ ଧାରଣା କରାଇବାକୁ ହେବ । ଏଥିପାଇଁ ପରିଶ୍ରମ ମଧ୍ୟ କରିବାକୁ ହେବ । ଯେଉଁ ଭଣ୍ଡାରୀରୁ ଖାଉଛନ୍ତି, କାଳ କଣ୍ଟକ ସବୁ ଦୂର ହୋଇଯାଉଛି । ତେବେ ଏଠାକୁ ସେହିମାନେ ଆସିବା ଦରକାର - ଯିଏକି ଯୋଗରେ ମଧ୍ୟ ରହିପାରିବେ । ନଚେତ୍ ବାୟୁମଣ୍ଡଳକୁ ଖରାପ କରିଦେଇଥାନ୍ତି । ବର୍ତ୍ତମାନ ଆହୁରି ଖବରଦାର ରହିବାକୁ ହେବ । ଫଟୋ ଆଦି ବାହାର କରିବାର ମଧ୍ୟ କୌଣସି କଥା ନାହିଁ । ଯେତେ ଦୂର ସମ୍ଭବ ବାବାଙ୍କର ସ୍ମୃତିରେ ରହି ଯୋଗଦାନ ଦେବାକୁ ହେବ । ଆଖ-ପାଖରେ ବହୁତ ଶାନ୍ତିର ବାତାବରଣ ରହିବା ଦରକାର । ଡାକ୍ତରଖାନା ସର୍ବଦା ବାହାରେ ଏକାନ୍ତ ସ୍ଥାନରେ ଥାଏ, ଯେମିତି କୌଣସି ବାହ୍ୟ ଶବ୍ଦ ନ ଶୁଭେ । ରୋଗୀକୁ ଶାନ୍ତିର ବାତାବରଣ ଦରକାର ହୋଇଥାଏ । ତୁମକୁ ନିର୍ଦ୍ଦେଶ ମିଳୁଛି - ତେଣୁ ସେହି ଶାନ୍ତିରେ ରହିବାକୁ ହେବ । ବାବାଙ୍କୁ ମନେ ପକାଇବା ଏହା ହେଉଛି ପ୍ରକୃତ ଶାନ୍ତି । ବାକି ସବୁ କୃତ୍ରିମ । ସେମାନେ କହିଥାନ୍ତି ନା - ଦୁଇ ମିନିଟ୍ ଡେଡ୍ ସାଇଲେନ୍ସ (ନିରବରେ ରୁହ) । କିନ୍ତୁ ସେହି ଦୁଇ ମିନିଟ୍ ଜଣା ନାହିଁ ବୁଦ୍ଧି କୁଆଡେ-କୁଆଡେ ରହିଥାଏ । ଜଣକୁ ବି ପ୍ରକୃତ ଶାନ୍ତି ମିଳିନଥାଏ । ତୁମେ ଶରୀରରୁ ଅଲଗା ହୋଇଯିବ । ମୁଁ ହେଉଛି ଆତ୍ମା, ଏହା ହେଉଛି ନିଜର ସ୍   ଧର୍ମରେ ରହିବା । ବାକି ଅଣନିଶ୍   ାସୀ ହୋଇ ଶାନ୍ତ ହୋଇ ରହିବା ଏହା ପ୍ରକୃତ ଶାନ୍ତି ନୁହେଁ । କହୁଛନ୍ତି ତିନି ମିନିଟ୍ ସାଇଲେନ୍ସ,ଅଶରୀରୀ ହୁଅ ଏପରି ଆଉ କାହାର ଶକ୍ତି ନାହିଁ ଯିଏକି କହିପାରିବେ । ଏହା ବାବାଙ୍କର ହିଁ ମହାବାକ୍ୟ - ଗେହ୍ଲା ପିଲାମାନେ, ମୋତେ ମନେ ପକାଅ ତେବେ ତୁମର ଜନ୍ମ-ଜନ୍ମାନ୍ତରର ପାପ କଟିଯିବ । ନଚେତ୍ ପଦ ଭ୍ରଷ୍ଟ ହୋଇଯିବ ଏବଂ ଦଣ୍ଡ ବି ଭୋଗ କରିବାକୁ ପଡିବ । ଶିବବାବାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚାଲିବାରେ ହିଁ କଲ୍ୟାଣ ରହିଛି । ବାବାଙ୍କୁ ସର୍ବଦା ସ୍ମରଣ କରିବାକୁ ହେବ । ଯେତେ ଦୂର ସମ୍ଭବ ସବୁଠାରୁ ପ୍ରିୟ ବାବାଙ୍କୁ ମନେ ପକାଇବାକୁ ହେବ । ଛାତ୍ରକୁ ନିଜର ଶିକ୍ଷକଙ୍କର ସମ୍ମାନ ରଖିବାକୁ ହେଲେ ବହୁତ ଖିଆଲ ରଖିବାକୁ ପଡିଥାଏ । ଯଦି ଅଧିକ ପିଲା ପାସ୍ ନ ହୁଅନ୍ତି ଶିକ୍ଷକଙ୍କୁ ପୁରସ୍କାର

ମିଳିନଥାଏ । ଏଠାରେ କୃପା ବା ଆଶୀର୍ବାଦର କଥା ନଥାଏ । ପ୍ରତ୍ୟେକଙ୍କୁ ନିଜ ଉପରେ କୃପା ବା ଆଶୀର୍ବାଦ କରିବାକୁ ହେବ । ଛାତ୍ରମାନେ ନିଜ ଉପରେ କୃପା କରିଥାନ୍ତି, ପରିଶ୍ରମ କରିଥାନ୍ତି । ଏହା ମଧ୍ୟ ପାଠପଢା ଅଟେ । ଯେତେ ଯୋଗ ଲଗାଇବ ସେତେ ବିକର୍ମାଜିତ୍ ହେବ, ଉଚ୍ଚ ପଦ ପାଇବ ଏବଂ ସର୍ବଦା ନିରୋଗୀ ହେବ । ମନମନାଭବ । କୃଷ୍ଣ ଏପରି କହିପାରିବେ ନାହିଁ । ଏହି ନିରାକାର ବାବା ହିଁ କହୁଛନ୍ତି - ବିଦେହୀ ହୁଅ । ଏହା ହେଉଛି ଈଶ୍ ରୀୟ ବେହଦର ପରିବାର । ମାତା-ପିତା, ଭାଇ-ଭଉଣୀ ବାସ୍, ଆଉ କୌଣସି ସମ୍ବନ୍ଧ ନାହିଁ । ଅନ୍ୟସବୁ ସମ୍ବନ୍ଧ ଗୁଡିକରେ ଚାଚା, ମାମା, କାକା ରହିଥା'ନ୍ତି । ଏଠାରେ ଭାଇ-ଭଉଣୀର ସମ୍ବନ୍ଧ ରହିଛି । ସଂଗମ ବ୍ୟତୀତ ଏପରି ସମ୍ବନ୍ଧ କେବେ ହୋଇନଥାଏ । ଯେତେବେଳେ କି ଆମେ ମାତା-ପିତାଙ୍କଠାରୁ ବର୍ସା ନେଉଛୁ । ତାଙ୍କଠାରୁ ଅସରନ୍ତି ସୁଖ ନେଉଛୁ ନା । ରାବଣ ରାଜ୍ୟରେ ଅସରନ୍ତି ଦୁଃଖ ରହିଛି । ରାମରାଜ୍ୟରେ ପୁଣି ଅସରନ୍ତି ସୁଖ ରହିଛି, ଯାହା ପାଇଁ ତୁମେ ପୁରୁଷାର୍ଥ କରୁଛ । ଯେତିକି ଯିଏ ପୁରୁଷାର୍ଥ କରିଥାଏ ତାହା କଳ୍ପ-କଳ୍ପ ପାଇଁ ସିଦ୍ଧ ହୋଇଯାଇଥାଏ । ଏହି ପ୍ରାପ୍ତି ବହୁତ ଉଚ୍ଚ । ଯିଏ କୋଟିପତି, ପଦମପତି ଅଟନ୍ତି, ସେମାନଙ୍କର ସବୁ ପଇସା ମାଟିରେ ମିଶିଯିବାର ଅଛି । ଟିକେ ଲଢେଇ ଲାଗିବାକୁ ଦିଅ ଦେଖିବ ପୁଣି କ'ଣ ହେଉଛି । ବାକି କାହାଣୀ ରହିଛି - ତୁମ ପିଲାମାନଙ୍କର । ସତ୍ୟ କାହାଣୀ ଶୁଣି ତୁମେମାନେ ସତ୍ୟରାଷ୍ଟ୍ରର ମାଲିକ ହେଉଛ । ଏହା ତ ପକ୍କା ନିଶ୍ଚୟ ରହିଛି ନା । ନିଶ୍ଚୟ ହେବା ବିନା ଏଠାକୁ କେହି ଆସିପାରିବେ ନାହିଁ । ତେଣୁ ତୁମେମାନେ କୌଣସି ଭୁଲ୍ କରିବା ଉଚିତ୍ ନୁହେଁ । ତୁମକୁ ବାବାଙ୍କଠାରୁ ସଂପୂର୍ଣ୍ଣ ବର୍ସା ନେବାକୁ ହେବ, ଯେପରି ମମ୍ମା ବାବା ନେଉଛନ୍ତି । ଆଚ୍ଛା -

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର **:—**

(୧) ଶରୀରଠାରୁ ଅଲଗା ହୋଇ ନିଜର ସ୍ ଧର୍ମରେ ସ୍ଥିତ ରହିବାର ଅଭ୍ୟାସ କରିବାକୁ ହେବ । ଯେତେ ଦୂର ସମ୍ଭବ ପରମ ପ୍ରିୟ ବାବାଙ୍କୁ ମନେ ପକାଇବାକୁ ହେବ । ମୋହର ଆକର୍ଷଣକୁ ସବୁ ଆଡୁ ତୁଟାଇ ଦେବାକୁ ହେବ ।

(୨) ପାଠପଢା ଉପରେ ସଂପୂର୍ଣ୍ଣ ଧ୍ୟାନ ଦେଇ ନିଜ ଉପରେ ନିଜେ କୃପା ବା ଆଶୀର୍ବାଦ କରିବାକୁ ହେବ । ବୁଦ୍ଧିଯୋଗ ହଦରୁ ଅର୍ଥାତ୍ ଲୌକିକ ଠାରୁ ତୁଟାଇ ବେହଦରେ ଅର୍ଥାତ୍ ଅବିନାଶୀ ସହିତ ଯୋଡିବାକୁ ହେବ । ବାବାଙ୍କର ହେବା ପରେ ବାବାଙ୍କ ନିକଟରେ ପୂରା-ପୂରା ସମର୍ପଣ ହେବାକୁ ପଡିବ ।

ବରଦାନ**:-** ସର୍ବଦା ସତ୍ୟପିତାଙ୍କର ସଂଗ ଦ୍ ାରା ନିଜର ଦୋଷ-ଦୁର୍ବଳତା ଗୁଡିକୁ ସମାପ୍ତ କରୁଥିବା ସହଜଯୋଗୀ, ସହଜ ଜ୍ଞାନୀ ହୁଅ ।

କୌଣସି ପ୍ରକାରର ଦୁର୍ବଳତା ସେତେବେଳେ ଆସିଥାଏ ଯେତେବେଳେ ସତ୍ୟ ପିତାଙ୍କର ସଂଗଠାରୁ ଦୂରେଇ ଯାଇଥାଅ ଏବଂ ଅନ୍ୟମାନଙ୍କର ସଂଗର ପ୍ରଭାବ ପଡିଯାଏ । ସେଥିପାଇଁ ଭକ୍ତିମାର୍ଗରେ କହିଥାଆନ୍ତି ଯେ ସର୍ବଦା ସତ୍ସଂଗରେ ରୁହ । ତେବେ ସତ୍ସଂଗ ଅର୍ଥାତ୍ ସର୍ବଦା ସତ୍ୟ ପିତାଙ୍କର ସଂଗରେ ରହିବା । ତୁମମାନଙ୍କ ପାଇଁ ତ ସତ୍ୟ ପିତାଙ୍କର ସଂଗ କରିବା ଅତି ସହଜ ଅଟେ କାହିଁକି ନା ସମ୍ବନ୍ଧ ଅତି ନିକଟତମ ଅଟେ । ତେଣୁ ସର୍ବଦା ସତ୍ସଂଗରେ ରହି ସମସ୍ତ ଦୁର୍ବଳତା ଗୁଡିକୁ ସମାପ୍ତ କରି ସହଜଯୋଗୀ, ସହଜ ଜ୍ଞାନୀ ହୁଅ ।

ସ୍ଲୋଗାନ**:-** ଯଦି ସର୍ବଦା ପ୍ରସନ୍ନ ରହିବାକୁ ଚାହୁଁଛ ତେବେ ପ୍ରଶଂସା ଶୁଣିବାର ଇଚ୍ଛା ତ୍ୟାଗ କରିଦିଅ ।

*** ଓମ୍ ଶାନ୍ତି ***

ମାତେଶ୍ ରୀଙ୍କର ଅମୂଲ୍ୟ ମହାବାକ୍ୟ ମୁକ୍ତି ଏବଂ ଜୀବନମୁକ୍ତିର ଅବସ୍ଥା

ମୁକ୍ତି ଏବଂ ଜୀବନମୁକ୍ତି ଉଭୟର ଅବସ୍ଥା ଭିନ୍ନ ଭିନ୍ନ ଅଟେ । ଆମେମାନେ ମୁକ୍ତି ଶବ୍ଦ ମଧ୍ୟ କହୁଛୁ, କିନ୍ତୁ ମୁକ୍ତି ଶବ୍ଦର ପ୍ରକୃତ ଅର୍ଥ ହେଲା, ଆତ୍ମା ଶରୀରର ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ ଅର୍ଥାତ୍ ଆତ୍ମାର ଏହି ସୃଷ୍ଟିରେ ପାର୍ଟ ନାହିଁ । ଯଦି ଆତ୍ମାର ପାର୍ଟ ଏହି ମନୁଷ୍ୟ ରୂପରେ ପାର୍ଟ ନାହିଁ ଅର୍ଥାତ୍ ଆତ୍ମା ନିରାକାରୀ ଦୁନିଆରେ ରହିଥାଏ । ସୁଖ ଦୁଃଖରୁ ନିଆରା ଦୁନିଆରେ ରହିଥାଏ ଯାହାକୁ ମୁକ୍ତ ଅବସ୍ଥା କୁହାଯାଏ । ଏହାକୁ କୌଣସି ମୁକ୍ତିର ପଦବୀ କୁହାଯିବ ନାହିଁ, ଏବଂ ଯେଉଁ ଆତ୍ମା କର୍ମବନ୍ଧନରୁ ମୁକ୍ତ ଅର୍ଥାତ୍ ଶରୀର ଧାରଣ କରି ଅଭିନୟ କରୁଥିଲେ ମଧ୍ୟ କର୍ମବନ୍ଧନରୁ ନିଆରା ତାକୁ ହିଁ ଜୀବନମୁକ୍ତ ପଦବୀ କୁହାଯାଏ, ଯାହାକି ସବୁଠାରୁ ଉଚ୍ଚ ଅବସ୍ଥା ଅଟେ । ତାହା ହେଲା ଆମର ଦେବତାଇ ପ୍ରାଲବ୍ଧ ଯାହାକି ବର୍ତ୍ତମାନ ସମୟର ପୁରୁଷାର୍ଥ ଆଧାରରେ ପ୍ରାପ୍ତ ହେଉଛି । ତାହା ହେଲା ଆମର ଉଚ୍ଚ ପଦ କିନ୍ତୁ ଯେଉଁ ଆତ୍ମାର ପାର୍ଟ ନାହିଁ ତାଙ୍କର ସେହି ପଦବୀ ନାହିଁ । ଯଦି ଆତ୍ମାର ଏହି ସୃଷ୍ଟି ରୂପି ଷ୍ଟେଜ୍‌ରେ ଅଭିନୟ ହିଁ ନାହିଁ ତେବେ ତା'କୁ ମୁକ୍ତି କୁହାଯିବ କିନ୍ତୁ ତାହା କୌଣସି ପଦବୀ ନୁହେଁ । ଏତେ ସବୁ ଯେଉଁ ମନୁଷ୍ୟ ସମ୍ପ୍ରଦାୟ ଅଟନ୍ତି ସେମାନେ ସମସ୍ତେ ସତ୍ୟଯୁଗକୁ ଯିବେ ନାହିଁ କାରଣ ସେଠାରେ ଖୁବ୍ କମ୍ ସଂଖ୍ୟା ରହିବେ । ତେଣୁ ଯେଉଁମାନେ ପ୍ରଭୁଙ୍କ ସହିତ ଯେତେ ଯୋଗ ଲଗାଇ କର୍ମାତୀତ ଅବସ୍ଥାକୁ ପ୍ରାପ୍ତ କରିବେ ସେହିମାନେ ହିଁ ଦେବୀ-ଦେବତା ପଦ ପାଇବେ । ବାକି ଯେଉଁମାନେ

ଧର୍ମରାଜଠାରୁ ଦଣ୍ଡ ଭୋଗ କରି ନିଜର କର୍ମ ବନ୍ଧନରୁ ମୁକ୍ତ ଅଥବା ଶୁଦ୍ଧ ହୋଇ ମୁକ୍ତିଧାମକୁ ଯାଉଛନ୍ତି ସେମାନେ କେବଳ ମୁକ୍ତିକୁ ପ୍ରାପ୍ତ କରୁଛନ୍ତି କିନ୍ତୁ ସେମାନଙ୍କ ପାଇଁ ମୁକ୍ତିଧାମରେ କୌଣସି ପଦବୀ ନୁହେଁ । ସେମାନେ ତ ବିନା ପୁରୁଷାର୍ଥରେ ନିଜ ସମୟ ଅନୁସାରେ ସେହି ଅବସ୍ଥାକୁ ପ୍ରାପ୍ତ କରିବେ । ଯେଉଁମାନେ ଦ୍   ାପର ଯୁଗରୁ ଆରମ୍ଭ କରି କଳିଯୁଗ ଶେଷ ପର୍ଯ୍ୟନ୍ତ ଇଚ୍ଛା ରଖି ଆସିଛନ୍ତି ଯେ - ଆମେ ଏହି ଜନ୍ମ ମରଣର ଚକ୍ରରେ ଆସିବୁ ନାହିଁ, ସେମାନଙ୍କର ସେହି ଅଶା ପୂର୍ଣ୍ଣ ହୋଇଯାଉଛି, ଅର୍ଥାତ୍ ସବୁ ଆତ୍ମାମାନଙ୍କୁ ଭାୟା ମୁକ୍ତିଧାମ ଦେଇ ଅବଶ୍ୟ ଅତିକ୍ରମ କରିବାକୁ ହେବ । ଓମ୍ ଶାନ୍ତି ।